# ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଙ୍କ କାର୍ଯ୍ୟାଳୟ , ଢେଙ୍କାନାଳ

(ବେସାମରିକ ଯୋଗାଣ ବିଭାଗ)

ପତ୍ର ସଂଖ୍ୟା ୪୮୪୩ / ତାରିଖ ୩.୧୨.୧୮

ପ୍ରାପ୍ତେଷୁ:

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଢେଙ୍କାନାଳ ।

ବିଷୟ : 2018-19 ଖରିଫ ବର୍ଷ ପାଇଁ ଢେଙ୍କାନାଳ ଜିଲ୍ଲାରେ ଧାନ ସଂଗ୍ରହ ର ଶୁଭାରମ୍ଭ ସମ୍ବଧୀୟ ବିବରଣୀ ଓଡିଆ ଦୈନିକ ସମବାଦପତ୍ରରେ ପ୍ରକାଶନ ନିମନ୍ତେ ।

ମହାଶୟ,

ଉପରୋକ୍ତ ବିଷୟ ପ୍ରତି ଆପଣଙ୍କର ଦୃଷ୍ଟୀ ଆକର୍ଷଣ ପୂର୍ବକ ଜଣାଇବାକୁ ଚାହେଁ ଯେ, ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହଣ କମିଟୀ ଦ୍ଵାରା ସ୍ଥିରିକୃତ ଦିବସ ରେ 2018-19 ଖରିଫ ବର୍ଷ ପାଇଁ ଢେଙ୍କାନାଳ ଜିଲ୍ଲାରେ ଧାନ ସଂଗ୍ରହ ର ଶୁଭାରମ୍ଭ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ମିଶ୍ର ଙ୍କ ଦ୍ଵାରା ତା 03.12.2018 ରିଖ ପୂର୍ବାହ୍ନ 11.00 ଘଟିକାରେ ଦେଓଗାଁ ସେବା ସମବାୟ ସମିତି ଠାରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ଶୁଭାରମ୍ଭ ସମାରୋହରେ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀଯୁକ୍ତ ହାଡିବନ୍ଧୁ ସେଠୀ,ସହକାରୀ ଯୋଗାଣ ଅଧିକାରୀ (ସଂଗ୍ରହଣ )ଶ୍ରୀଯୁକ୍ତ ଟିକନ ଚରଣ ମହାନ୍ତି ଓ ସହକାରୀ ଯୋଗାଣ ଅଧିକାରୀ, ସଦର ଶ୍ରୀଯୁକ୍ତ ଅଜିତ କୁମାର ସୁବୁଦ୍ଧି ଙ୍କ ସମେତ ଢେଙ୍କାନାଳ ଜିଲ୍ଲା ସମବାୟ ସମିତି ସମୂହ ର ଉପନିବନ୍ଧକ ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ସିଂହ ,ଅନୁଗୁଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ର ସମ୍ପାଦକ ଶ୍ରୀଯୁକ୍ତ ଘଟେଶ୍ଵର ମଲ୍ଲିକ ,ଢେଙ୍କାନାଳ ଆର.ଏମ. ସି. ସେକ୍ରେଟାରୀ ଶ୍ରୀଯୁକ୍ତ ନିରଞ୍ଜନ ସେଠ, ମିଲର ,ଦେଓଗାଁ ସମବାୟ ସମିତି ର ସଭାପତି ଓ ସମ୍ପାଦିକାଙ୍କ ସହ ସ୍ଥାନୀୟ ଚାଷୀ ବୃନ୍ଦ ଉପସ୍ଥିତ ଥିଲେ ।

ସେହିପରି କାମାକ୍ଷାନଗର ଉପଖଣ୍ଡ ର ଗୁନେଇବିଲି ସେବା ସମବାୟ ସମିତି ଠାରେ ଉପଜିଲ୍ଲାପାଳ କାମାକ୍ଷାନଗର ଙ୍କ ଦ୍ଵାରା ଉପଖଣ୍ଡ ସ୍ତରୀୟ ଅଧିକାରୀ ,ମିଲର , ଓ ଚାଷୀ ମାନଙ୍କ ଉପସ୍ଥିତି ରେ ଏବଂ ହିନ୍ଦୋଳ ଉପଖଣ୍ଡ ର ଦୁଦୁରକୋଟ ସେବା ସମବାୟ ସମିତି ଠାରେ ସହକାରୀ ଯୋଗାଣ ଅଧିକାରୀ, ହିନ୍ଦୋଳ, ଆର. ଏମ. ସି . ସେକ୍ରେଟାରୀ ,ସ୍ଥାନୀୟ ମିଲର ତଥା ଚାଷିବୃନ୍ଦ ଙ୍କ ଉପସ୍ଥିତି ରେ 2018-19 ଖରିଫ ବର୍ଷ ପାଇଁ ଧାନ ସଂଗ୍ରହ ର ଶୁଭାରମ୍ଭ ଅନୁଷ୍ଠିତ ହୋଇଯାଇଛି ।

ଉପରୋକ୍ତ ସଂବାଦ କୁ ଜିଲ୍ଲାବାସୀ ଙ୍କ ଅବଗତି ଓ ସଚେତନତା ନିମନ୍ତେ ସ୍ଥାନୀୟ ଓଡିଆ ସଂବାଦ ପତ୍ର ମାନଙ୍କରେ ପ୍ରକାଶ କରିବା ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ ପାଇଁ ଆପଣ ଙ୍କୁ ଅନୁରୋଧ କରାଗଲା

ଆପଣଙ୍କର ବିଶ୍ଵସ୍ତ

(ସ୍ଵାକ୍ଷର) ୩.୧୨.୧୮

ବେସାମରିକ ଯୋଗାଣ ଅଧିକାରୀ

ଢେଙ୍କାନାଳ